# ଅଧ୍ୟାୟ - III

# କଠିନ ବର୍ଜ୍ୟବସ୍ତୁ ପରିଚାଳନାର ଯୋଜନା ଏବଂ ରଣନୀତି

# ଅଧ୍ୟାୟ III

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ର ଯୋଜନା ଏବଂ ରଣନୀତି

### 3.1 ଯୋଜନା

ଭାରତରେ କଠିନ ବର୍ଜ୍ୟବସ୍ତୁ ର ପ୍ରଶାସନ ଏବଂ ପରିଚାଳନା ର ରୂପରେଖକୁ ବ୍ୟାପକ ଭାବରେ ତିନି ସ୍ତରରେ ବିଭକ୍ତ କରାଯାଇଛି ଯଥା କେନ୍ଦ୍ରୀୟ, ରାଜ୍ୟ ଏବଂ ସ୍ଥାନୀୟ ସଂସ୍ଥା । ଅନ୍ୟାନ୍ୟ ହିତାଧିକାରୀ ଯେଉଁମାନେ ଏକ ଗୁରତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ସେମାନେ ହେଲେ ପରିବାର, ବ୍ୟବସାୟ, ଶିଳ୍ପ, ଅନୌପଚାରିକ କ୍ଷେତ୍ର, ଅଣ-ସରକାରୀ ସଂଗଠନ (ଏନ.ଜି.ଓ), ଗୋଷ୍ଠୀ ଭିତ୍ତିକ ସଂଗଠନ (ସି.ବି.ଓ), ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍.ଏଚ.ଜି), ଇତ୍ୟାଦି । କଠିନ ବର୍ଜ୍ୟବସ୍ତୁ ପରିଚାଳନାର ଅନେକ ପର୍ଯ୍ୟାୟରେ ଏହି ସମସ୍ତ ହିତାଧିକାରୀଙ୍କ ଯୋଗଦାନ ଆବଶ୍ୟକ । ସହରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକ୍ରିୟାରେ ହିତାଧିକାରୀଙ୍କ ଭୂମିକା ଏବଂ ଦାୟିତ୍ୱ ନିମ୍ନ ସାରଣୀ- 3.1 ରେ ଦିଆଯାଇଛି ।

**ସାରଣୀ – 3.1: କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକ୍ରିୟାରେ ଜଡ଼ିତ ହିତାଧିକାରୀଙ୍କ ଦାୟିତ୍ୱ**

| ଅନୁଷ୍ଠାନ/ ହିତାଧିକାରୀ | କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ଭୂମିକା ଏବଂ ଦାୟିତ୍ୱ |
|---|---|
| କେନ୍ଦ୍ର ସରକାର (ଏମ.ଓ.ଇ.ଏଫ୍.ସି.ସି, ଏମ.ଓ.ୟୁ.ଡ଼ି ଏବଂ ସି.ପି.ସି.ବି) | ନିୟମ ଗଠନ କରିବା, ନୀତି ଏବଂ ଆଦର୍ଶ, ନିର୍ଦ୍ଦେଶାବଳୀ, ମାନୁଆଲଗୁଡ଼ିକ ଏବଂ ବୈଷୟିକ ସହାୟତା, ଆର୍ଥିକ ସହାୟତା, ନିୟମ ଏବଂ ନିୟମର କାର୍ଯ୍ୟ କାରୀତା ଉପରେ ନଜର ରଖିବା । |
| ରାଜ୍ୟ ସରକାର (ଏଚ. ଏବଂ ୟୁ.ଡ଼ି.ଡ଼ି ମୁଖ୍ୟ ସଚିବଙ୍କ ଦ୍ୱାରା ପରିଚାଳିତ ଏବଂ ଏସ୍.ପି.ସି.ବି ସଦସ୍ୟ ସଚିବଙ୍କ ଦ୍ୱାରା ପରିଚାଳିତ । | ନୀତି ଗଠନ କରିବା ଏବଂ ମହାନଗର ଗୁଡ଼ିକରେ ଆଇନ ଏବଂ ନିୟମର କାର୍ଯ୍ୟକାରୀତା ଉପରେ ନଜର ରଖିବା, ରାଜ୍ୟ ନୀତି ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ରଣନୀତି,ନିର୍ଦ୍ଦେଶାବଳୀ, ମାନୁଆଲ ଏବଂ ବୈଷୟିକ ସହାୟତା, ଆର୍ଥିକ ସହାୟତା, ସେବା ସ୍ତରର ମାନଦଣ୍ଡ (ଏସ.ଏଲ.ବି) ଗୁଡ଼ିକୁ ଏମ.ଓ.ୟୁ.ଡ଼ି କୁ ରିପୋର୍ଟ କରିବା, ୟୁଏଲବି ଗୁଡିକର କ୍ଷମତା ବୃଦ୍ଧି, ଚିକିତ୍ସା ଏବଂ ନିଷ୍କାସନ କାର୍ଯ୍ୟକଳାପ ସ୍ଥାପନ କରିବାକୁ ସମ୍ମତି ପ୍ରଦାନ । |
| ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରୀ ବିକାଶ ଏଜେନ୍ସୀ (ଡ଼ି.ୟୁ.ଡ଼ି.ଏ) ଙ୍କ ସହାୟତାରେ ଜିଲ୍ଲା କଲେକ୍ଟର କିମ୍ବା ଡେପୁଟୀ କମିଶନର (ଡ଼ି.ସି) | ବର୍ଜ୍ୟବସ୍ତୁ ପରିଚାଳନା ପ୍ରକ୍ରିୟାରେ ସହରୀ ସ୍ଥାନୀୟ ସଂସ୍ଥାର କାର୍ଯ୍ୟଦକ୍ଷତାକୁ ସମୀକ୍ଷା କରିବା, କଠିନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ଏବଂ ନିଷ୍କାସନ ସୁବିଧାକୁ ସହଜ କରିବା ପାଇଁ ଉପଯୁକ୍ତ ଜମିର ଚିହ୍ନଟ ଏବଂ ବଣ୍ଟନ କରିବା । |
| ସହରୀ ସ୍ଥାନୀୟ ସଂସ୍ଥା (କମିଶନରଙ୍କ ମ୍ୟୁନିସିପାଲିଟି କମିଶନର କିମ୍ବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ/ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ପରିଚାଳିତ) | ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ନିୟମର କାର୍ଯ୍ୟକାରିତା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ସେବା ଯୋଗାଇବା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନା ପ୍ରସ୍ତୁତି, ବିଧିୟ-ନିୟମ ଗଠନ, ଶୁଳ୍କ ଏବଂ ଦେୟ ସଂଗ୍ରହ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାକୁ ଅର୍ଥ ପ୍ରଦାନ, ଜନ ସଚେତନତା ସୃଷ୍ଟି କରିବା ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ଅନୌପଚାରିକ କ୍ଷେତ୍ରର ଯୋଗଦାନ । |
| ଅନୌପଚାରିକ କ୍ଷେତ୍ର (ବର୍ଜ୍ୟବସ୍ତୁ ପୁନଃ ବ୍ୟବହାରକାରୀ, ଏନ.ଜି.ଓ, ସି.ବି.ଓ ଏବଂ ବେସରକାରୀ ଅଂଶୀଦାର) | ବିଭିନ୍ନ ପର୍ଯ୍ୟାୟରେ ଉତ୍ସ ପୁନରୁଦ୍ଧାର ଏବଂ ପୁନରାବର୍ତ୍ତନ, ସ୍ଥାନୀୟ ପୁନରାବର୍ତ୍ତନକାରୀ ଶିଳ୍ପକୁ ସହାୟତା ପ୍ରଦାନ, ସଂପ୍ରଦାୟର ସଂପୃକ୍ତି, ସଚେତନତା ସୃଷ୍ଟି କରିବା, ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ପରିବହନ, ଏବଂ ଟେକ୍ନୋଲୋଜି ପ୍ରଦାନ କାରୀ । |

(ଉତ୍ସ: କଠିନ ବର୍ଜ୍ୟବସ୍ତୁ ପରିଚାଳନା ମାନୁଆଲ୍ 2016 ଅନୁଯାୟୀ)

### 3.2 ଏକୀକୃତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ରାଜ୍ୟ ନୀତି ଏବଂ ରଣନୀତି

ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ମାନୁଆଲ 2000 (ବିଭାଗ 25.2) କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ 2016 ର ଧାରା 11 (କ) (ଖ) ପଠନ ସହିତ (08 ଏପ୍ରିଲ୍ 2016 ରେ ସୂଚିତ) ନିୟମ ଦର୍ଶାଏ ଯେ ବିଜ୍ଞପ୍ତିର ଏକ ବର୍ଷ

ମଧ୍ୟରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ରାଜ୍ୟ ସରକାର ଏକ ରାଜ୍ୟନୀତି ଏବଂ ରଣନୀତି ପ୍ରସ୍ତୁତ କରିବା ଉଚିତ୍ ।

ଅଡ଼ିଟ୍ ଦେଖିଲେ ଯେ ଏଚଏବଂ ୟୁଡ଼ି ବିଭାଗ ଫେବୃଆରୀ 2022 ସୁଦ୍ଧା ଏକ ଏକୀକୃତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ରାଜ୍ୟନୀତି ସୂଚୀତ କରି ନଥିଲା । ରାଜ୍ୟ ନୀତି ଅନୁପସ୍ଥିତିରେ, ଦୀର୍ଘ ସ୍ଥାୟୀ ଏବଂ ସ୍ୱଳ୍ପ ମିଆଦି ପରିଚାଳନା ରଣନୀତି ଏବଂ କାର୍ଯ୍ୟଯୋଜନା ବିକଶିତ ହେଲାନାହିଁ । ଏହିପରି, ଉତ୍ପାଦିତ ବର୍ଜ୍ୟବସ୍ତୁ ଗୁଡିକ ମାର୍ଚ୍ଚ 2020 ସୁଦ୍ଧା ୟୁଲବି ମାନଙ୍କ ଦ୍ୱାରା ପ୍ରକ୍ରିୟାକରଣ ନ କରି ଲ୍ୟାଣ୍ଡ ଫିଲ୍ ଅଞ୍ଚଳ ଗୁଡ଼ିକରେ ପକାଯାଇଥିଲା ।

ରାଜ୍ୟରେ ଏସ.ଡ଼ବଲ୍ୟୁ.ଏମ. ବ୍ୟବସ୍ଥାର ବିକେନ୍ଦ୍ରୀକରଣ ପାଇଁ ଓଡ଼ିଶା ସରକାର (ଜୁଲାଇ 2019) ଏକ ଷ୍ଟାଣ୍ଡାର୍ଡ଼ ଅପରେଟିଂ ପ୍ରଣାଳୀ ( ଏସଓପି)(ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ.ସି.ସି) ଏବଂ ସାମଗ୍ରୀ ପୁନରୁଦ୍ଧାର ସୁବିଧା (ଏମ.ଆର.ଏଫ୍.) ଜାରି କରିଥିଲେ ଏବଂ ଡ଼ିସେମ୍ବର 2020 ରେ ଏମ.ସି.ସି ଏବଂ ଏମ.ଆର.ଏଫ କେନ୍ଦ୍ରଗୁଡ଼ିକର କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ ପାଇଁ ଅନ୍ୟ ଏକ ଏସ.ଓ.ପି ଜାରି କରିଥିଲେ । ଉପରୋକ୍ତ ଦୁଇଟି ଏସ.ଓ.ପି ର ପରିଚୟ ପରେ, ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକ ଏମ.ସି.ସି ଏବଂ ଏମ.ଆର.ଏଫ ର ଭିତ୍ତିଭୂମି ସୃଷ୍ଟି ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ । 114 ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକରେ ନିର୍ମାଣ ହେବାକୁ ଥିବା 271 ଏମ.ସି.ସି ଏବଂ 173 ଏମ.ଆର.ଏଫ ମଧ୍ୟରୁ, ମାର୍ଚ୍ଚ 2021 ସୁଦ୍ଧା 165 ଏମ.ସି.ସି ଏବଂ 140 ଏମ.ଆର.ଏଫ କେନ୍ଦ୍ର ସମାପ୍ତ ହୋଇଛି । ପରୀକ୍ଷିତ ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକରେ, 123 ଏମ.ସି.ସି ମଧ୍ୟରୁ 55 ଏବଂ 51 ଟି ଏମ.ଆର.ଏଫ କେନ୍ଦ୍ର ମଧ୍ୟରୁ 38 ଟି ସମାପ୍ତ ହୋଇଛି ।

ଏହାର ଉତ୍ତରରେ ବିଭାଗ କହିଲା (ଏପ୍ରିଲ୍ 2022) ଯେ, ଓଡିଶା ସହରୀ ସାନିଟେସନ ଯୋଜନା ଏବଂ ଓଡିଶା ସହରୀ ସାନିଟେସନ କୌଶଳ 2017 ରେ ଅଧିସୂଚିତ ହୋଇଥିଲା ଯେଉଁଥିରେ ଏସଡବ୍ଲୁଏମ ଅର୍ନ୍ତଭୂକ୍ତ । ପରନ୍ତୁ ତଥ୍ୟ ଏହା ଯେ ଏସଡବ୍ଲୁଏମ ନିମନ୍ତେ କୌଣସି ଏକିକୃତ / ସ୍ୱତନ୍ତ୍ର ରାଜ୍ୟ ଯୋଜନା ଏବଂ ରଣନୀତି ପ୍ରସ୍ତୁତ ହୋଇନଥିଲା ।

## 3.3 ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନା

### 3.3.1. ସ୍ୱଳ୍ପ ମିଆଦି ଏବଂ ଦୀର୍ଘ ମିଆଦି କାର୍ଯ୍ୟ ଯୋଜନା

ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ମାନୁଆଲ୍, 2000 (ବିଭାଗ 26.1 ଏବଂ 26.2) ଏବଂ ମାନୁଆଲ୍ 2016 (ବିଭାଗ 1.4.5, 1.4.6 ଏବଂ 5.4) ଗୁରୁତ୍ୱାରୋପ କରିଛି ଯେ ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ସମ୍ଭାବ୍ୟ ପରିସ୍ଥିତି ଯୋଜନା ଗୁଡିକ ସହ ସ୍ୱଳ୍ପ ମିଆଦି (ପାଞ୍ଚ ବର୍ଷ) ଏବଂ ଦୀର୍ଘ ମିଆଦି (20-25 ବର୍ଷ) କାର୍ଯ୍ୟ ଯୋଜନା ସହିତ ବିସ୍ତୃତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ହେବ । ସ୍ୱଳ୍ପ ମିଆଦି ଯୋଜନା ଦୀର୍ଘ ମିଆଦି ଯୋଜନା ହାସଲ ଆଡ଼କୁ ଅଗ୍ରସର କରିବା ଉଚିତ୍ । ସ୍ଥାନୀୟ କର୍ତ୍ତୃପକ୍ଷ ନିଶ୍ଚିତ କରିବା ଉଚିତ୍ ଯେ ସ୍ୱଳ୍ପ ମିଆଦି ଯୋଜନା ଗୁଡ଼ିକ ଦୀର୍ଘ ମିଆଦି ଯୋଜନା ଏବଂ କାର୍ଯ୍ୟକାରିତା ସହିତ ସମତୁଲ ଅଟେ । ସମ୍ଭାବ୍ୟ ପରିସ୍ଥିତି ଯୋଜନା ଗୁଡ଼ିକ ବର୍ଜ୍ୟବସ୍ତୁର ଉପଯୁକ୍ତ ସଂରକ୍ଷଣ ପାଇଁ ପ୍ରସ୍ତୁତି ଏବଂ ପ୍ରକ୍ରିୟାକରଣ/ ଚିକିତ୍ସା/ ନିଷ୍କାସନ ସୁବିଧା ଗୁଡ଼ିକ କାର୍ଯ୍ୟନକରିବା ପରିସ୍ଥିତିରୁ ଉଧୁରିବା ପାଇଁ ଥିଲା ।

ଅଡ଼ିଟ୍ ନିରୀକ୍ଷଣ କରିଲା ଯେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏକ ବ୍ୟବସ୍ଥିତ ପଦ୍ଧତି ଗ୍ରହଣ କରିବା ପାଇଁ ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକ ସ୍ୱଳ୍ପ ମିଆଦି/ ଦୀର୍ଘ ମିଆଦି କାର୍ଯ୍ୟ ଯୋଜନା କିମ୍ବା ସମ୍ଭାବ୍ୟ ପରିସ୍ଥିତି ଯୋଜନା ପ୍ରସ୍ତୁତ 2015-20 ମଧ୍ୟରେ କରିନାହାନ୍ତି । ଏହି ଯୋଜନାଗୁଡ଼ିକର ଅନୁପସ୍ଥିତିରେ, ସହର ସ୍ଥାନୀୟ ସଂସ୍ଥା ଗୁଡ଼ିକରେ ଭିତ୍ତିଭୂମି ପ୍ରକଳ୍ପର ଯୋଜନା ଏବଂ ଚୟନ, ଆବଶ୍ୟକତା ଅନୁଯାୟୀ ବିଶ୍ଳେଷଣ ଅପେକ୍ଷା ପାଣ୍ଠିର ଉପଲବ୍ଧତା ଦ୍ୱାରା ପରିଚାଳିତ ହେଉଥିଲା ।

ସରକାର କହିଲେ(ମଇ 2022) ଯେ, ରାଜ୍ୟ ସ୍ତରରେ ଏସଡବ୍ଲୁଏମ୍ ବିକେନ୍ଦ୍ରିକରଣ ପାଇଁ ଗୃହ ଏବଂ ସହର ଉନ୍ନୟନ ବିଭାଗ 2019 ରେ ଏସଓପି ଜାରୀ କରିଛନ୍ତି । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ, ୟୁଏଲବି ସ୍ତରରେ ସ୍ୱଳ୍ପ ମିଆଦି ଏବଂ ଦୀର୍ଘ ମିଆଦି କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ ପାଇଁ ଏମଏସଡବ୍ଲୁ ମାନୁଆଲ ଦର୍ଶାଏ ।

### 3.3.2. କଠିନ ବର୍ଜ୍ୟବସ୍ତୁ ପରିଚାଳନା ବିନା ବ୍ୟବସ୍ଥାରେ ନିର୍ମାଣ ଯୋଜନା

କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ 2016 ର ଧାରା 15 (ze) ଅନୁଯାୟୀ, ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକ ନିଶ୍ଚିତ କରିବା ଉଚିତ ଯେ ଗୋଷ୍ଠୀ ବର୍ଗର ସୋସାଇଟି କିମ୍ବା ବଜାରର କମ୍ପ୍ଲେକ୍ସ ନିର୍ମାଣ ଯୋଜନା ଗୁଡ଼ିକର ଅନୁମୋଦନ

ପ୍ରଦାନ କରିବା ବେଳେ ପୃଥକ୍ ବର୍ଜ୍ୟବସ୍ତୁ ସଂଗ୍ରହ, ପୃଥକିକରଣ ଏବଂ ସଂରକ୍ଷଣ ପାଇଁ କେନ୍ଦ୍ର ସ୍ଥାପନର ବ୍ୟବସ୍ଥା ଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଛି ।

ଅଡ଼ିଟ୍ ନିରୀକ୍ଷଣ କରଛି ଯେ ମାର୍ଚ୍ଚ 2021 ସୁଦ୍ଧା କୌଣସି ବି ୟୁଏଲବି ଗୃପ ହାଉସିଂ ସୋସାଇଟି କିମ୍ବା ମାର୍କେଟ୍ କଂପ୍ଲେକ୍ସ ର ନିର୍ମାଣ ପ୍ଲାନିଂରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଲାଗୁ କରିବା ସୁନିଶ୍ଚିତ କରିନଥିଲେ । ଫଳରେ, ବର୍ଜ୍ୟ ପରିଚାଳନା ରେ ସଂପ୍ରଦାୟ ର ଯୋଗଦାନ ସୁନିଶ୍ଚିତ ହେଲାନାହିଁ । କାର୍ଯ୍ୟନିର୍ବାହୀ ଅଧିକାରୀ ବଲାଙ୍ଗୀର ଏବଂ ବରଗଡ଼ ଅଡ଼ିଟ୍ ମନ୍ତବ୍ୟ ଗୁଡ଼ିକୁ ଭବିଷ୍ୟତ ମାର୍ଗଦର୍ଶନ ପାଇଁ ଉଲ୍ଲେଖ କରିଛନ୍ତି ।

## 3.4 ଯୋଜନାରେ ସମସ୍ତ ହିତାଧିକାରୀ ଜଡ଼ିତ ନ ହେବା

କଠିନ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନାର ବିକାଶ ପାଇଁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସେବା ସହିତ ଜଡ଼ିତ ବିଭାଗଗୁଡ଼ିକୁ[12] ଅନ୍ତର୍ଭୁକ୍ତ କରି କଠିନ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନା ଏବଂ କାର୍ଯ୍ୟକାରୀତା କାର୍ଯ୍ୟାନ୍ୱୟନରେ ସଂପ୍ରଦାୟର ସଂପୃକ୍ତି (ଘର, ଅନୌପଚାରିକ କ୍ଷେତ୍ର, ଏନ.ଜି.ଓ., ସି.ବି.ଓ., ଏସ.ଏଚ.ଜି. ମହିଳା ଗୋଷ୍ଠୀ, ମାଧ୍ୟମିକ ବିଦ୍ୟାଳୟ ଏବଂ କଲେଜ ଛାତ୍ର ଇତ୍ୟାଦି) ପାଇଁ ଏକ ମୂଳ ଦଳ କିମ୍ବା ପରାମର୍ଶଦାତା ଦଳ (ଆଭ୍ୟନ୍ତରୀଣ ଅଂଶୀଦାର) ଗଠନ ପାଇଁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ମାନୁଆଲ୍, 2016 (ଅଂଶ 1.4.4.1) ରେ ପ୍ରଦାନ କରାଯାଇଛି ।

ଅଡ଼ିଟ୍ ଲକ୍ଷ୍ୟ କରିଛି ଯେ 2015-20 ମଧ୍ୟରେ ଯାଞ୍ଚ ହୋଇଥିବା ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକରେ ଆଭ୍ୟନ୍ତରୀଣ/ ବାହ୍ୟ ହିତାଧିକାରୀ ସହିତ ଜଡ଼ିତ କୌଣସି ମୂଳ ଦଳ କିମ୍ବା ପରାମର୍ଶଦାତା ଦଳ ଗଠନ କରାଯାଇ ନାହିଁ । ଏସ.ଓ.ପି. ର ପରିଚୟ ପରେ, 1,381 ସ୍ୱଚ୍ଛ ସାଥି ଏବଂ 345 ସ୍ୱଚ୍ଛ ସୁପରଭାଇଜରଙ୍କ ଆବଶ୍ୟକତା ରହିଥିବା ସ୍ଥଳେ, ପରୀକ୍ଷା ଯାଞ୍ଚ ହୋଇଥିବା ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକ 1,083 ସ୍ୱଚ୍ଛ ସାଥି (78 ପ୍ରତିଶତ) ଏସ.ଏଚ.ଜି. ଗୋଷ୍ଠୀରୁ ଏବଂ 173 ସ୍ୱଚ୍ଛ ସୁପରଭାଇଜର (50 ପ୍ରତିଶତ) ନିୟୋଜିତ କରିଥିଲେ ।

ସରକାର କହିଲେ(ମେଇ 2022) ଯେ, ୟୁଏଲବି ଗୁଡିକର ପ୍ରତ୍ୟେକ ୱାର୍ଡ ରେ ୱାଟସନ କମିଟି[13] ଗଠିତ ହୋଇଛି ଯାହା ତୃଣମୂଳ ସ୍ତରରେ ୟୁଏଲବି ଗୁଡିକର ଏସଡବ୍ଲୁଏମ ପ୍ରକ୍ରିୟାକରଣରେ ସକ୍ରିୟ ଭାବେ ଯୋଗଦାନ କରୁଛନ୍ତି । ପରନ୍ତୁ, ତଥ୍ୟ ଏହା ଯେ ସରକାର ଆଭ୍ୟନ୍ତରୀଣ/ ବାହ୍ୟ ହିତାଧିକାରୀ ଙ୍କୁ ସଂପୃକ୍ତ କରି କୌଣସି ମୂଳ/ପରାମର୍ଶଦାତା ଦଳ ଗଠିତ କରିବାରେ ବିଫଳ ହୋଇଥିଲେ ।

## 3.5 କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟର ଅଣ ପ୍ରସ୍ତୁତି

ଅକ୍ଟୋବର 2014 ରେ ଭାରତ ସରକାର ଏହାର ଫ୍ଲାଗସିପ୍ ସ୍କିମ୍ ସ୍ୱଚ୍ଛ ଭାରତ ମିଶନ୍-ସହରୀ (ଏସ.ବି.ଏମ.) ଆରମ୍ଭ କରିଥିଲେ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏହାର ଛଅଟି ଉପାଦାନ ମଧ୍ୟରୁ ଗୋଟିଏ ଥିଲା । ସ୍ୱଚ୍ଛ ଭାରତ ମିଶନ ଗାଇଡ଼ଲାଇନର ଅନୁଚ୍ଛେଦ 7.2 ଏବଂ 7.3 ଅନୁଯାୟୀ, ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକ ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ସେମାନଙ୍କ ସହରର କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡି.ପି.ଆର.) ପ୍ରସ୍ତୁତ କରିବେ । ଏହା ମଧ୍ୟ ଧାର୍ଯ୍ୟ ହୋଇଛି ଯେ ବେସରକାରୀ କିମ୍ବା ସରକାରୀ ଏଜେନ୍ସୀ ଗୁଡ଼ିକୁ ସର୍ଟ ଲିଷ୍ଟ/ ଚିହ୍ନଟ କରି କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଶୀଘ୍ର ପ୍ରସ୍ତୁତ କରିବାରେ ରାଜ୍ୟ ସରକାର ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ସହଯୋଗ କରିପାରିବେ ।

ଅଡ଼ିଟ୍ ଦେଖିଲେ ଯେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କୌଣସି ପରୀକ୍ଷା ଯାଞ୍ଚ ସହରୀ ସ୍ଥାନୀୟ ସଂସ୍ଥା ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିନାହାନ୍ତି । ବିସ୍ତୃତ ପ୍ରକଳ୍ପ ରିପୋର୍ଟର ଅନୁପସ୍ଥିତିରେ, ମୁଣ୍ଡ ପିଛା ବର୍ଜ୍ୟବସ୍ତୁ ଉତ୍ପାଦନର ପରିମାଣ, ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ଡିଜାଇନ୍ କ୍ଷମତାର କଭରେଜ୍, ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କଣ୍ଟିଜେନ୍ସୀ ଯୋଜନା, 3 ଆର. ଆଭିମୁଖ୍ୟ କାର୍ଯ୍ୟକାରୀ କରିବା ପାଇଁ ରଣନୀତି, ବର୍ଜ୍ୟବସ୍ତୁ ସଂଗ୍ରହକାରୀଙ୍କ ଯୋଜନାରେ ଜଡ଼ିତ ହେବା ଏବଂ ଆବର୍ଜନା ପରିଚାଳନାରେ ଜଡ଼ିତ ହେବା ଅଡ଼ିଟ୍‌ରେ ମୂଲ୍ୟାଙ୍କନ କରାଯାଇ ପାରିଲା ନାହିଁ ।

---

12 (i) ୟୁ.ଏଲ.ବି.ର କମିଶନର କିମ୍ବା ମୁଖ୍ୟ କାର୍ଯ୍ୟ ନିର୍ବାହୀ, (ii) ଏସ.ଡ଼ବଲ୍ୟୁ.ଏମ. ବିଭାଗର ମୁଖ୍ୟ, (iii) ଏସ.ଡ଼ବଲ୍ୟୁ.ଏମ. ବିଭାଗର ପରିବେଶ ଯନ୍ତ୍ରୀ, (iv) ନଗର ଯୋଜନା ବିଭାଗର ମୁଖ୍ୟ, (v) ଜଳ ଯୋଗାଣ, ଜନ ସ୍ୱାସ୍ଥ୍ୟ କିମ୍ବା ପରିମଳ ଏବଂ ସେରେଜ୍ ବିଭାଗର ମୁଖ୍ୟ, (vi) ଆକାଉଣ୍ଟସ୍ ବିଭାଗର ମୁଖ୍ୟ , ଏବଂ (vii) ଏସ.ଡ଼ବଲ୍ୟୁ.ଏମ. ୱାର୍ଡ଼ ସ୍ତରୀୟ ଅଧିକାରୀ

13 ୱାଟସନ୍ କମିଟି: ଏହା ଏକ ସହରାଞ୍ଚଳର ୱାର୍ଡ ସ୍ତରୀୟ ଜଳ ଏବଂ ପରିମଳ ବ୍ୟବହାର ପରିଚାଳନା କମିଟି

ସରକାର କହିଲେ (ମଇ 2022) ଯେ, କ୍ଷୁଦ୍ର ପ୍ରକ୍ରିୟା କରଣ କେନ୍ଦ୍ର ସ୍ଥାପନ ଲାଗି ଡିପିଆର ର ଆବଶ୍ୟକତା ନାହିଁ । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ, ମାର୍ଗଦର୍ଶୀକା ଦର୍ଶାଉଥିଲା ଯେ ଏସଡବ୍ଲୁଏମ ନିମନ୍ତେ ୟୁଏଲବି ଗୁଡିକ ରାଜ୍ୟ ସରକାରଙ୍କ ସହ ପରାମର୍ଶ କରି ଡିପିଆର ପ୍ରସ୍ତୁତ କରିବା ଦରକାର ।

## 3.6 ସେବା ସ୍ତରର ମାନଦଣ୍ଡ (ଏସ.ଏଲ.ବି.)

ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ଚାରୋଟି ପ୍ରମୁଖ କ୍ଷେତ୍ରରେ - ଜଳ ଯୋଗାଣ, ସେରେଜ୍, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ବର୍ଷା ଜଳ ପରିଚାଳନା ସେବା ଯୋଗାଇବା ପାଇଁ ଜାତୀୟ ସ୍ତରରେ ସେବାର ମାନଦଣ୍ଡ ଏସ.ଏଲ.ବି. ସ୍ଥିର କରିଛି। କାର୍ଯ୍ୟ ଦକ୍ଷତା ଏବଂ ଉନ୍ନତି ଉପରେ ନଜର ରଖିବା ସେବା ସ୍ତରର ମାନଦଣ୍ଡର ଲକ୍ଷ୍ୟ ଭାବରେ ଧାର୍ଯ୍ୟ କରାଯାଇଛି । ଉଦ୍ଦେଶିତ କାର୍ଯ୍ୟର ଦକ୍ଷତା ବିଶ୍ଳେଷଣ କରିବା ପାଇଁ ଏବଂ ସେମାନଙ୍କର କାର୍ଯ୍ୟକଳାପରେ ଉନ୍ନତି ଆଣିବା ପାଇଁ ସହରୀ ସ୍ଥାନୀୟ ସଂସ୍ଥା ଦ୍ୱାରା ମାନଦଣ୍ଡ ଏକ ଉପକରଣ ଭାବରେ ବ୍ୟବହୃତ ହେବା ଉଚିତ୍ । ସେବାଗୁଡ଼ିକର ମାନଦଣ୍ଡ ରାଜ୍ୟ ସ୍ତରୀୟ ଏଜେନ୍ସୀ ଏବଂ ସ୍ଥାନୀୟ ସ୍ତରୀୟ ସେବା ପ୍ରଦାନକାରୀଙ୍କୁ ସହମତ ଲକ୍ଷ୍ୟ ଗୁଡ଼ିକ ଉପରେ କାର୍ଯ୍ୟ ଦକ୍ଷତା ତଦାରଖ ଏବଂ ମୂଲ୍ୟାଙ୍କନ ପ୍ରକ୍ରିୟା ଆରମ୍ଭ କରିବାକୁ ସକ୍ଷମ କରିଥାଏ । ଚତୁର୍ଦ୍ଦଶ ଅର୍ଥ କମିଶନ (ଏଫ.ଏଫ.ସି.) ମଧ୍ୟ ମାନଦଣ୍ଡର ନୀତିକୁ ସମର୍ଥନ କରିଛନ୍ତି ଏବଂ ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ କାର୍ଯ୍ୟ ଦକ୍ଷତା ଭିତ୍ତିକ ଅନୁଦାନ ବଣ୍ଟନ ପାଇଁ ସେବା ସ୍ତରର ମାନଦଣ୍ଡରେ ଅନ୍ତର୍ଭୁକ୍ତ କରାଯାଇଛି । କାର୍ଯ୍ୟ ଦକ୍ଷତା ସୂଚକାଙ୍କ ଉପରେ ନଜର ରଖିବା ଏବଂ ରିପୋର୍ଟ କରିବା ପାଇଁ ଏମ.ଓ.ୟୁ.ଡ଼ି. ଏକ ସାଧାରଣ ସର୍ବନିମ୍ନ ଢାଞ୍ଚାକୁ ବ୍ୟାଖ୍ୟା କରିଛି, ଯେଉଁଥିରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ଆଠଟି କାର୍ଯ୍ୟ ଦକ୍ଷତା ସୂଚକ ନିମ୍ନରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

**ସାରଣୀ - 3.2: କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ସେବା ସ୍ତରର ମାନଦଣ୍ଡ ଏବଂ କାର୍ଯ୍ୟ ଦକ୍ଷତା**

| କ୍ରମିକ ସଂଖ୍ୟା | କାର୍ଯ୍ୟ ଦକ୍ଷତା ସୂଚକ | ଶତକଡ଼ା ୟୁନିଟ୍‌ରେ | ମାନଦଣ୍ଡ (ପ୍ରତିଶତରେ) |
|---|---|---|---|
| 1 | ଗୃହ ସ୍ତରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସେବା ଗୁଡ଼ିକର କଭରେଜ | ଦ୍ୱାର ସଂଗ୍ରହ ପ୍ରଣାଳୀ ଦ୍ୱାରା ପ୍ରତିଦିନ ଗୃହ ଏବଂ ପ୍ରତିଷ୍ଠାନଗୁଡ଼ିକରୁ ସଂଗ୍ରହ | 100 |
| 2 | ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ସଂଗ୍ରହର ଦକ୍ଷତା | ପ୍ରକଳ୍ପ କ୍ଷେତ୍ରରେ ଉତ୍ପାଦିତ ବର୍ଜ୍ୟବସ୍ତୁ ମଧ୍ୟରୁ ସଂଗୃହୀତ ସମୁଦାୟ ବର୍ଜ୍ୟବସ୍ତୁ | 100 |
| 3 | ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁର ପୃଥକତାର ପରିମାଣ | ଗୃହ ଏବଂ ପ୍ରତିଷ୍ଠାନ ଯେଉଁମାନେ ସେମାନଙ୍କର ଆବର୍ଜନାକୁ ପୃଥକ୍ କରନ୍ତି | 100 |
| 4 | ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁର ପୁନରୁଦ୍ଧାର ପରିମାଣ | ସଂଗୃହୀତ ବର୍ଜ୍ୟବସ୍ତୁର ପରିମାଣ, ଯାହା ପୁନରାବର୍ତ୍ତନ କିମ୍ବା ପ୍ରକ୍ରିୟାକରଣ ହୋଇଥିଲା | 80 |
| 5 | ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁର ବୈଜ୍ଞାନିକ ନିଷ୍କାସନର ପରିମାଣ | ଲ୍ୟାଣ୍ଡ ଫିଲ୍ ଏବଂ ଡମ୍ପ ଅଞ୍ଚଳରେ ପକାଯାଇଥିବା ସମୁଦାୟ ପରିମାଣର ବର୍ଜ୍ୟବସ୍ତୁ ମଧ୍ୟରୁ ସାନିଟାରୀ ଲ୍ୟାଣ୍ଡ ଫିଲରେ ପକାଯାଇଥିବା ଆବର୍ଜନାର ତୁଳନା | 100 |
| 6 | କଠିନ ବର୍ଜ୍ୟବସ୍ତୁ ପରିଚାଳନା ସେବାରେ ମୂଲ୍ୟ ପୁନରୁଦ୍ଧାରର ପରିମାଣ | କଠିନ ବର୍ଜ୍ୟବସ୍ତୁ ପରିଚାଳନା ସେବା ସହିତ ଜଡ଼ିତ ସମସ୍ତ ପରିଚାଳନା ଖର୍ଚ୍ଚର ପୁନରୁଦ୍ଧାର ଯାହା ୟୁ.ଏଲ.ବି. କେବଳ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସହିତ ଜଡ଼ିତ ଉତ୍ସଗୁଡ଼ିକର ପରିଚାଳନା ରାଜସ୍ୱରୁ ପୂରଣ କରିବାକୁ ସକ୍ଷମ ଅଟେ | 100 |
| 7 | ଗ୍ରାହକଙ୍କ ଅଭିଯୋଗ ପ୍ରତିକାରର ଦକ୍ଷତା | 24 ଘଣ୍ଟା ମଧ୍ୟରେ ଗ୍ରହଣ କରାଯାଇଥିବା ସମୁଦାୟ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅଭିଯୋଗ ବିରୁଦ୍ଧରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ଅଭିଯୋଗର ସମାଧାନ | 80 |
| 8 | କଠିନ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବହାରକାରୀ ଦେୟ ସଂଗ୍ରହରେ ଦକ୍ଷତା | ସଂପୃକ୍ତ ବର୍ଷର ମୋଟ ପରିଚାଳନା ରାଜସ୍ୱ ବିରୁଦ୍ଧରେ ସାଂପ୍ରତିକ ବର୍ଷର ରାଜସ୍ୱ ଆଦାୟ | 90 |

(ଉତ୍ସ: ଏମ.ଏସ.ଡବଲ୍ୟୁ. ମାନୁଆଲ୍ 2016 )

## 3.6.1 ଯାଞ୍ଚ ହୋଇଥିବା ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକର ଲକ୍ଷ୍ୟ ଏବଂ ସଫଳତା

ଏହି କାର୍ଯ୍ୟ ଦକ୍ଷତା ସୂଚକାଙ୍କ ଉପରେ 21ଟି ପରୀକ୍ଷା ଯାଞ୍ଚ ହୋଇଥିବା ସହରୀ ସ୍ଥାନୀୟ ସଂସ୍ଥା ଦ୍ୱାରା ସେବା ସ୍ତରର ମାନଦଣ୍ଡ ଘୋଷଣାର ବିଶ୍ଳେଷଣ (2019-20) ଗ୍ରାହକ ଅଭିଯୋଗର ପ୍ରତିକାର ଦକ୍ଷତା ବ୍ୟତିତ ଦର୍ଶାଇଲା ଯେ ପୃଥକତା ର ପରିମାଣ, କଠିନ ବର୍ଜ୍ୟବସ୍ତୁ ପୁନରୁଦ୍ଧାର, ବୈଜ୍ଞାନିକ ନିଷ୍କାସନ ଏବଂ କଠିନ ବର୍ଜ୍ୟବସ୍ତୁର ମୂଲ୍ୟ ପୁନରୁଦ୍ଧାର ଅଧିକାଂଶ ପରୀକ୍ଷା ଯାଞ୍ଚ ହୋଇଥିବା ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକରେ ମାନଦଣ୍ଡରୁ ଯଥେଷ୍ଟ ତଳେ ଥିଲା ଯାହା ନିମ୍ନ ସାରଣୀରେ ଦେଖା ଯାଇଛି ।

**ସାରଣୀ - ସଂଖ୍ୟା 3.3: ପରୀକ୍ଷା ଯାଞ୍ଚ ହୋଇଥିବା 21 ଟି ୟୁ.ଏଲ.ବି. ଗୁଡ଼ିକ ଦ୍ୱାରା ସେବା ସ୍ତର ମାନଦଣ୍ଡର ସଫଳତା**

| ପରୀକ୍ଷଣ ଯାଞ୍ଚ ୟୁଏଲବି ଗୁଡିକରେ ଘୋଷଣା ହୋଇଥିବା ସେବା ସ୍ତରୀୟ ମାନଦଣ୍ଡର ତଥ୍ୟ | ୟୁଏଲବି ଗୁଡିକର ସଂଖ୍ୟା (ଶତକଡ଼ା ପରିସର) | | | |
|---|---|---|---|---|
| | ଶୁନ ରୁ 20 | 20 ରୁ 50 | 50 ରୁ 80 | 80 ରୁ 100 |
| କଠିନ ବର୍ଜ୍ୟବସ୍ତୁ ପରିଚାଳନା ପୃଥକତାର ପରିମାଣ | 12 | 03 | 02 | 04 |
| କଠିନ ବର୍ଜ୍ୟବସ୍ତୁ ପରିଚାଳନାର ପୁନରୁଦ୍ଧାରର ପରିମାଣ | 13 | 03 | 05 | 0 |
| କଠିନ ବର୍ଜ୍ୟବସ୍ତୁ ପରିଚାଳନାର ବୈଜ୍ଞାନିକ ନିଷ୍କାସନର ପରିମାଣ | 19 | 01 | 01 | 0 |
| ଗୃହ ସ୍ତରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସେବା ପ୍ରଦାନ ର ପରିମାଣ | 06 | 0 | 06 | 09 |
| କଠିନ ବର୍ଜ୍ୟବସ୍ତୁ ପରିଚାଳନା ମୂଲ୍ୟ ପୁନରୁଦ୍ଧାରର ପରିମାଣ | 17 | 02 | 02 | 0 |
| କଠିନ ବର୍ଜ୍ୟବସ୍ତୁ ସଂଗ୍ରହର ଦକ୍ଷତା | 06 | 0 | 05 | 10 |
| କଠିନ ବର୍ଜ୍ୟବସ୍ତୁ ସେବା ପାଇଁ ଉପଭୋକ୍ତା ଦେୟ ସଂଗ୍ରହର ଦକ୍ଷତା | 16 | 04 | 01 | 0 |

(ଉତ୍ସ: ପରୀକ୍ଷା ଯାଞ୍ଚ କରାଯାଇଥିବା ୟୁ.ଏଲ.ବି. ଗୁଡ଼ିକ ଦ୍ୱାରା ପ୍ରଦାନ ସୂଚନା ଅନୁଯାୟୀ)

ଉପରୋକ୍ତ ସାରଣୀରୁ ଏହା ଦେଖାଯାଏ ଯେ, 19 ଟି ୟୁଏଲବି ଗୁଡ଼ିକରେ କଠିନ ବର୍ଜ୍ୟବସ୍ତୁର ବୈଜ୍ଞାନିକ ନିଷ୍କାସନ ଶୂନରୁ 20 ପ୍ରତିଶତ ମଧ୍ୟରେ ଥିଲା ।

ୟୁଏଲବି ଗୁଡିକ ଦ୍ୱାରା ଘୋଷିତ ହୋଇଥିବା ସଫଳତାର ସଠିକତା ଯାଞ୍ଚ ହୋଇପାରିଲା ନାହିଁ କାରଣ ୟୁଏଲବି ଗୁଡ଼ିକ ସେମାନଙ୍କର ଦାବୀକୁ ସମର୍ଥନ କରି କୌଣସି ଦସ୍ତାବିଜ ସାକ୍ଷ୍ୟ ଦେଇନାହାନ୍ତି । ୟୁଏଲବି ଗୁଡ଼ିକ ନିର୍ଭରଯୋଗ୍ୟତାର ସର୍ବୋଚ୍ଚ/ ପସନ୍ଦିତ ସ୍ତରକୁ ଯିବାକୁ ଚେଷ୍ଟା କରିବା ଉଚିତ୍ । ଫଳସ୍ୱରୂପ, ଏଫ୍.ଏଫ୍.ସି. ରୁ ₹333.58 କୋଟି କାର୍ଯ୍ୟ ଦକ୍ଷତା ଅନୁଦାନ ପାଇବାରୁ ୟୁଏଲବି ଗୁଡ଼ିକ ବଞ୍ଚିତ ହୋଇଥିଲେ ।

ରାୟଗଡ଼ା, ଜୟପୁର, କଟକ, ଭଦ୍ରକ, ସମ୍ବଲପୁର, ପୁରୀ ଏବଂ ଛତ୍ରପୁର ୟୁଏଲବି କାର୍ଯ୍ୟ ନିର୍ବାହୀ ଅଧିକାରୀ ସେବା ସ୍ତରର ମାନଦଣ୍ଡ ହାସଲ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଦର୍ଶାଇଛନ୍ତି (ଜାନୁଆରୀ/ ଏପ୍ରିଲ୍ 2021) । ଯାହାହେଉ, ତଥ୍ୟ ଏହା ଯେ, ସର୍ଭିସ ଲେବେଲ ବେଞ୍ଚମାର୍କ ହାସଲ ନହେବା ଯୋଗୁଁ ସରକାର କାର୍ଯ୍ୟ ଦକ୍ଷତା ସହାୟତା ହରାଇଲେ ।

## 3.7 ଦକ୍ଷତାର ବିକାଶ

ଏମ.ଏସ.ଡ଼ବଲ୍ୟୁ. ମାନୁଆଲ୍ 2000 (ଅନୁଭାଗ 19.1) ରେ ଧାର୍ଯ୍ୟ କରାଯାଇଛି ଯେ ଆନୁଷ୍ଠାନିକ ଦୃଢ଼ତା ଏବଂ ଆଭ୍ୟନ୍ତରୀଣ ଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ଯାହା ଦ୍ୱାରା ପ୍ରୟାସ ଏକ ସମୟ ମଧ୍ୟରେ ସ୍ଥିର ହୋଇପାରିବ ଏବଂ ସ୍ଥାପିତ ବ୍ୟବସ୍ଥା ଭଲ ଭାବରେ ପରିଚାଳିତ ହୋଇପାରିବ । କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ର ଧାରା 11 (କେ) ଏବଂ 15 (ଜେଡ଼ ସି), ଅନୁଯାୟୀ ଏଚ ଏବଂ ୟୁ.ଡ଼ି.ଡ଼ି./ ୟୁ.ଏଲ.ବି ପୃଥକିକରଣ ଏବଂ

ପରିବହନ କିମ୍ବା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣରେ କର୍ମଚାରୀଙ୍କ ମାନଙ୍କର ଦକ୍ଷତା ବୃଦ୍ଧି (ଚୁକ୍ତି ଭିତ୍ତିକ ଶ୍ରମିକଙ୍କୁ ଅନ୍ତର୍ଭୁକ୍ତ କରି) ବ୍ୟବସ୍ଥା କରିବା ଆବଶ୍ୟକ।

ଅଡିଟ୍ ଦେଖିଲେ ଯେ ବିଭାଗ 2015-19 ମଧ୍ୟରେ ପରିମଳ କର୍ମଚାରୀଙ୍କ ପାଇଁ କୌଣସି ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରି ନାହିଁ । ଏହା ମଧ ଲକ୍ଷ୍ୟ କରାଯାଇଥିଲା ଯେ ବିଭାଗ 2019-20 ମଧ୍ୟରେ ପରିମଳ କର୍ମଚାରୀଙ୍କ ପାଇଁ ଦୁଇଟି ତାଲିମ୍ କାର୍ଯ୍ୟକ୍ରମ ଏବଂ ଏକ ଏକ୍ସପୋଜର ପରିଦର୍ଶନ ଆୟୋଜନ କରିଥିଲା । ଏହିପରି, 2015-19 ମଧ୍ୟରେ ଆନୁଷ୍ଠାନିକ ଦୃଢତା ପାଇଁ ଦକ୍ଷତା ବିକାଶର ଅଭାବ ଥିଲା ।

### 3.7.1 ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକଳାପ

ମ୍ୟୁନିସିପାଲିଟି ବର୍ଜ୍ୟବସ୍ତୁ ମାନୁଆଲ 2000 ର ଧାରା 25.4.2.12 ଅନୁଯାୟୀ, ରାଜ୍ୟ ସରକାର ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇ.ଇ.ସି.) ସାମଗ୍ରୀର ବିକାଶ କରିପାରିବେ ଏବଂ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ ଗ୍ରହଣ କରିବେ ଏବଂ ସହରୀ ସ୍ଥାନୀୟ ସଂସ୍ଥା ମାନଙ୍କୁ ସେମାନଙ୍କ ସହର ଏବଂ ସହରରେ ଜନ ସଚେତନତା ସୃଷ୍ଟି କରିବାରେ ସାହାଯ୍ୟ କରିବେ ଏବଂ ମ୍ୟୁନିସିପାଲିଟି ବର୍ଜ୍ୟବସ୍ତୁ "ହ୍ରାସ, ପୁନଃ ବ୍ୟବହାର ଏବଂ ପୁନଃ ବ୍ୟବହାର ସାପେକ୍ଷ" ନୀତି କୁ ପ୍ରୋତ୍ସାହିତ କରିବେ।

ଘର, ଦୋକାନ ଏବଂ ବାଣିଜ୍ୟିକ ଏବଂ ଅନୁଷ୍ଠାନ ପରିସର ତଥା ଅନ୍ୟାନ୍ୟ ହିତାଧିକାରୀ ଯେପରିକି ପୌରପାଳିକା ଅଧିକାରୀ, ନିର୍ବାଚିତ ପ୍ରତିନିଧି, ବିଦ୍ୟାଳୟ, ଏନ.ଜି.ଓ., ଅନୌପଚାରିକ କ୍ଷେତ୍ର, ଗଣ ମାଧ୍ୟମ ଇତ୍ୟାଦି ମାନଙ୍କର ବର୍ଜ୍ୟବସ୍ତୁ ପରିଚାଳନାରେ ଅଂଶଗ୍ରହଣ ଏବଂ ସେମାନଙ୍କର ଭୂମିକା ଫଳପ୍ରଦ ଭାବରେ ନିଶ୍ଚିତ କରିବାକୁ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଆଇଇସି[14] ଅଭିଯାନ ଟାର୍ଗେଟ୍ କରିବା ଉଚିତ୍ ।

ଅଡ଼ିଟ୍ ନିରୀକ୍ଷଣ କଲା ଯେ ନାଗରିକ, ବହୁଳ ବର୍ଜ୍ୟବସ୍ତୁ ଜେନେରେଟର ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ଜଡ଼ିତ ଏଜେନ୍ସି ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକଳାପ ପାଇଁ ରାଜ୍ୟ ସରକାର ଏକ ରଣନୀତି ମଡ୍ୟୁଲ୍/ ଡକୁମେଣ୍ଟ ବିକାଶ କରିନାହାନ୍ତି । ୟୁଏଲବି ଗୁଡ଼ିକ ଟାର୍ଗେଟ୍ ଗ୍ରୁପ୍- ଜନ ସାଧାରଣଙ୍କ ଠାରୁ ମ୍ୟୁନିସିପାଲିଟି କର୍ମଚାରୀ ଙ୍କ ସହ ବିଭିନ୍ନ ଆସୋସିଏସନ୍‌ର ଅଧିକାରୀଙ୍କୁ 2015-20 ଠାରୁ ପ୍ରଦାନ ବିଭିନ୍ନ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକଳାପର ପ୍ରମାଣ ଦେଇ ନ ଥିଲେ । ସେମାନେ ଦାବୀ କରିଛନ୍ତି ଯେ ଆଇ.ଇ.ସି କାର୍ଯ୍ୟକଳାପ ଗୁଡିକ ସଚ୍ଛ ସାଥି ମାଧ୍ୟମରେ କରାଯାଇ, ବ୍ୟାନର, ଷ୍ଟିକର, କାନ୍ଥରେ ଚିତ୍ର ଇତ୍ୟାଦି ମାଧ୍ୟମରେ ସଚେତନତା ସୃଷ୍ଟି କରି ବର୍ଜ୍ୟଉତ୍ପନ୍ନକାରୀ ମାନଙ୍କୁ ବର୍ଜ୍ୟ ଓଦା ଏବଂ ଶୁଖିଲା ଭାବେ ପୃଥକ କରିବାକୁ ପ୍ରୋତ୍ସାହିତ କରାଯାଇଥିଲା । ୟୁଏଲବି ଗୁଡିକରେ ବ୍ୟବହୃତ ବିଭିନ୍ନ ଯୋଗାଯୋଗ ମାଧ୍ୟମର ସ୍ଥିତି ନିମ୍ନରେ ଦିଆଯାଇଛି ।

**ସାରଣୀ - 3.4: 2015-20 ମଧ୍ୟରେ 21 ଟି ପରୀକ୍ଷିତ ୟୁଏଲବିରେ ବ୍ୟବହୃତ ଯୋଗାଯୋଗର ମାଧ୍ୟମ**

| କ୍ରମିକ ସଂଖ୍ୟା | ବ୍ୟବହୃତ ଯୋଗାଯୋଗର ମାଧ୍ୟମ | ହଁ | ନା |
|---|---|---|---|
| 1 | ଅଡ଼ିଓ | 16 | 05 |
| 2 | ଭିଡ଼ିଓ | 9 | 12 |
| 3 | ଗଣ ଯୋଗାଯୋଗ | 8 | 13 |
| 4 | ପ୍ରାଚୀର ଚିତ୍ରଣ | 17 | 4 |
| 5 | ବିଦ୍ୟାଳୟ | 10 | 11 |
| 6 | ହୋଡ଼ିଂ | 17 | 04 |
| 7 | ପଥପ୍ରାନ୍ତ ନାଟକ | 07 | 14 |
| 8 | ପାମ୍ପଲେଟ୍ | 14 | 07 |

*(ଉତ୍ସ: ପରୀକ୍ଷା ଯାଞ୍ଚ ହୋଇଥିବା ୟୁ.ଏଲ.ବି. ମାନଙ୍କର ରେକର୍ଡ଼)*

ଏହା ମଧ ଦେଖାଗଲା ଯେ, ଆଇ.ଇ.ସି ସମ୍ବନ୍ଧୀୟ ନିମ୍ନଲିଖିତ ପ୍ରସଙ୍ଗ ଗୁଡ଼ିକ ସମ୍ବୋଧିତ କରାଯାଇ ନ ଥିଲା ।

---

[14] ଆଇଇସି କାର୍ଯ୍ୟକଳାପ ଏସଡବ୍ଲୁଏମ ନିୟମ 2016 ର ପାରା 15(zg) ଅନୁଯାୟୀ (i) ଆବର୍ଜନା ଏଠି ସେଠି ପକାଇବା ମନା (ii) ବର୍ଜ୍ୟ ଉତ୍ପନ୍ନକୁ କମାଇବା (iii) ସଂଭବତା ଅନୁଯାୟୀ ବର୍ଜ୍ୟର ପୁନଃ ବ୍ୟବହାର (iv)ବର୍ଜ୍ୟକୁ ଜୈବ-ପଚନଶୀଳ/ଅପଚନଶୀଳ/ସାନୀଟାରୀ ବର୍ଜ୍ୟ/ଘର ର ବିପଜ୍ଜନକ ବର୍ଜ୍ୟବସ୍ତୁ ଭାବେ ପୃଥକ କରିବା ଅଭ୍ୟାସ (v) ଘରେ ଖତ ଉତ୍ପାଦନ / ଭର୍ମି ଖତ ଉତ୍ପାଦନର ଅଭ୍ୟାସ ଏବଂ ଜୈବ ଗ୍ୟାସ୍ ଉତ୍ପନ୍ନ କିମ୍ବା ଗୋଷ୍ଠୀ ଅଂଶଗ୍ରହଣ (vi)ସାନିଟାରୀ ବର୍ଜ୍ୟକୁ ସୁରକ୍ଷିତ ଭାବରେ ବାନ୍ଧିବା (vii) ପୃଥକ ହୋଇଥିବା ବର୍ଜ୍ୟବସ୍ତୁ କୁ ଅଲଗା ଡଷ୍ଟବିନ୍ ରେ ରଖିବା (viii)ବର୍ଜ୍ୟ ସଂଗ୍ରହକାରୀଙ୍କୁ ପୃଥକ ହୋଇଥିବା ବର୍ଜ୍ୟ ହସ୍ତାନ୍ତର କରିବା ଏବଂ (ix)ମାସିକ ବ୍ୟବହାରକାରୀ ଦେୟ ବର୍ଜ୍ୟସଂଗ୍ରହକାରୀଙ୍କୁ କିମ୍ବା ୟୁଏଲବିକୁ ଏସଡବ୍ଲୁଏମ ବାବଦରେ ଦେବା

- ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁରେ ଉଭୟ ବିଷାକ୍ତ ଏବଂ ବାୟୋ-ମେଡ଼ିକାଲ୍ ବର୍ଜ୍ୟବସ୍ତୁ ଅନ୍ତର୍ଭୁକ୍ତ । ତଥାପି, ରାଜ୍ୟ ସ୍ତରୀୟ କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା/ ୟୁଏଲବି ସ୍ତରୀୟ କର୍ତ୍ତୃପକ୍ଷ ଘରୋଇ ବିପଜ୍ଜନକ ବସ୍ତୁର ତାଲିକାକୁ ପ୍ରକାଶନ କରିନାହାନ୍ତି ।

- ଇ-ଆବର୍ଜନା ବିଭିନ୍ନ ଉପାଦାନକୁ ନେଇ ଗଠିତ ଯାହା ଉଭୟ ବିପଜ୍ଜନକ ଏବଂ ବିପଜ୍ଜନକ ନୁହେଁ । ତେଣୁ, ଇ-ଆବର୍ଜନାକୁ ଉତ୍ସରେ ପୃଥକ୍ କରାଯିବା ଉଚିତ୍ ଏବଂ କଠିନ ବର୍ଜ୍ୟବସ୍ତୁ ସହିତ ମିଶ୍ରଣ କରାଯିବା ଉଚିତ୍ ନୁହେଁ । ତଥାପି, କୌଣସି ନିର୍ଦ୍ଦିଷ୍ଟ ଆଇଇସି କାର୍ଯ୍ୟକଳାପ ରେ ଇ-ଆବର୍ଜନା ପୃଥକିକରଣ ଉପରେ ଧାନ ଦିଆଯାଇ ନ ଥିଲା ।

- କୌଣସି ପରୀକ୍ଷା-ଯାଞ୍ଚ ହୋଇଥିବା ୟୁଏଲବି ଗୁଡ଼ିକ ଆବର୍ଜନା ଏଠି ସେଠି ପକାଇବା, ବିଭିନ୍ନ ବର୍ଜ୍ୟବସ୍ତୁକୁ ପୃଥକ୍ ନ କରିବା ଇତ୍ୟାଦି ପାଇଁ ଜୋରିମାନା ଲାଗୁ ନିମନ୍ତେ ସଚେତନତା ସୃଷ୍ଟି କରିନଥିଲେ ।

- ପରୀକ୍ଷା-ଯାଞ୍ଚ ହୋଇଥିବା ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକ ଦ୍ୱାରା ପରିଚାଳିତ ଆଇଇସି କାର୍ଯ୍ୟ କଳାପ ଗୁଡ଼ିକ ଜଳି ନ ଯିବା, କବର ନ ଦେବା ଏବଂ ବର୍ଜ୍ୟବସ୍ତୁକୁ ଏଠି ସେଠି  ନ ପକାଇବା ଉପରେ ଗୁରୁତ୍ୱ ଦେଇ ନ ଥିଲେ ଏବଂ 3ଆର୍ ମାଧ୍ୟମରେ ବର୍ଜ୍ୟବସ୍ତୁକୁ କମାଇବା ପାଇଁ ପ୍ରଚାର କରିନଥିଲେ ।

- କୌଣସି ପରୀକ୍ଷା-ଯାଞ୍ଚ ହୋଇଥିବା ୟୁଏଲବି ଗୁଡ଼ିକ ସଂପ୍ରଦାୟର ଅଂଶ ଗ୍ରହଣକୁ ଯଥେଷ୍ଟ ଉତ୍ସାହିତ କରି ନ ଥିଲେ ।

- ୟୁଏଲବି ଗୁଡ଼ିକ ପ୍ରତିରକ୍ଷା ଉପକରଣର ବ୍ୟବହାର ପାଇଁ କାର୍ଯ୍ୟଶକ୍ତି ମଧ୍ୟରେ ପର୍ଯ୍ୟାପ୍ତ ସଚେତନତା ସୃଷ୍ଟି କରି ନ ଥିଲେ ।

ସରକାର କହିଲେ(ମେଇ 2022) ଯେ, ବିଭାଗ ଦ୍ୱାରା ୟୁଏଲବି ଗୁଡିକୁ ଆଇସି କାର୍ଯ୍ୟକଳାପ କରିବା ନିମନ୍ତେ ସମୟ ସମୟରେ ନିର୍ଦ୍ଦେଶ ଏବଂ ଆଦିରୁପ ଜାରି କରାଯାଇଛି । ସରକାର ପୁଣି କହିଲେ ଯେ, ସ୍ୱଚ୍ଛତା ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ  ୱାର୍ଡ ସ୍ତରରେ ମିଟିଙ୍ଗ୍ ର ଆୟୋଜନ କରାଯାଉଛି । ପରନ୍ତୁ, ତଥ୍ୟ ଏହା ଯେ ପ୍ରଭାବଶାଳୀ ଭାବେ ଏସଡବ୍ଲୁଏମ ଲକ୍ଷ୍ୟ ହାସଲରେ ଆଇସି କାର୍ଯ୍ୟକଳାପ ଗୁଡିକର ଅଭାବ ଥିଲା । ପୁଣି, ସରକାର ୱାର୍ଡ ସ୍ତରୀୟ ମିଟିଙ୍ଗ୍ ଗୁଡିକର କୌଣସି ଦସ୍ତାବିଜ ସାକ୍ଷ୍ୟ ପ୍ରଦାନ କରିନଥିଲେ ।

## 3.8 ବର୍ଜ୍ୟବସ୍ତୁର ଉତ୍ପାଦନ ଏବଂ ନିର୍ଦ୍ଧାରଣ

କଠିନ ବର୍ଜ୍ୟବସ୍ତୁ ପରିଚାଳନାର ଯୋଜନା ଏବଂ ପ୍ରଭାବଶାଳୀ କାର୍ଯ୍ୟକାରୀତା ପାଇଁ ସହର ସୀମାରେ ଉତ୍ପନ୍ନ ବିଭିନ୍ନ ପ୍ରକାରର ବର୍ଜ୍ୟବସ୍ତୁର ଏକ ନିର୍ଭରଯୋଗ୍ୟ ନିର୍ଦ୍ଧାରଣ ଜରୁରୀ । ମ୍ୟୁନିସିପାଲିଟି ବର୍ଜ୍ୟବସ୍ତୁ ମାନୁଆଲ, 2000 ର ଧାରା 3.3.6 ରେ ଧାର୍ଯ୍ୟ କରାଯାଇଥିଲା ଯେ ବର୍ଜ୍ୟବସ୍ତୁ ଉତ୍ପାଦନ, ଓଜନ ଏବଂ ପରିମାଣ ସମ୍ବନ୍ଧୀୟ ତଥ୍ୟ ପ୍ରତ୍ୟେକ କର୍ତ୍ତୃପକ୍ଷ ନିଜ ନିଜ କାର୍ଯ୍ୟରେ ପ୍ରୟୋଗ କରିବା ପାଇଁ ସଂଗ୍ରହ କରିବା ଉଚିତ୍ । ଅବଶ୍ୟ, ଅଡ଼ିଟ୍ ବର୍ଜ୍ୟବସ୍ତୁ ଉତ୍ପାଦନର ନିର୍ଦ୍ଧାରଣରେ ନିମ୍ନ ଲିଖିତ ଅଭାବ ଗୁଡ଼ିକ ପାଇଲା ।

### 3.8.1 ଉତ୍ପାଦିତ ବର୍ଜ୍ୟବସ୍ତୁର ଅନୁପଯୁକ୍ତ ଆକଳନ

କଠିନ ବର୍ଜ୍ୟବସ୍ତୁ ପରିଚାଳନା, 2016 ର ମାନୁଆଲର ଧାରା 1.4.3.3.1 ଧାର୍ଯ୍ୟ କରିଛି ଯେ ଦୀର୍ଘ କାଳୀନ ଯୋଜନା ପାଇଁ, ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ବର୍ଜ୍ୟବସ୍ତୁ ଉତ୍ପାଦନକାରୀଙ୍କ ଦ୍ୱାରା ନିଷ୍କାସନ ହେଉଥିବା ବର୍ଜ୍ୟବସ୍ତୁର ହାରାହାରି ପରିମାଣ କେବଳ ଅନେକ ନମୁନାର ହାରାହାରି ତଥ୍ୟରୁ ଆକଳନ କରାଯାଇପାରେ । ଏହି ନମୁନାଗୁଡ଼ିକ ପ୍ରତ୍ୟେକ ତିନୋଟି ମୁଖ୍ୟ ଋତୁରେ ଯଥା ଗ୍ରୀଷ୍ମ, ଶୀତ ଏବଂ ବର୍ଷା, ୟୁଏଲବି ଗୁଡିକ ଅଧୀନରେ ଥିବା ଏବଂ ୟୁଏଲବିକୁ ପ୍ରତିନିଧିତ୍ୱ କରୁଥିବା ଏକାଧିକ ସ୍ଥାନରେ ସାତ ଦିନର ଅବଧି ପାଇଁ କ୍ରମାଗତ ଭାବରେ ସଂଗ୍ରହ କରାଯିବା ଉଚିତ । ବର୍ଜ୍ୟବସ୍ତୁକୁ ସାତ ଦିନ ମଧ୍ୟରେ ଏକତ୍ର କରାଯାଇ ଓଜନ ଏବଂ ହାରାହାରି ଏକତ୍ର କରାଯିବା ଉଚିତ । ଏହି ପରିମାଣ ଗୁଡ଼ିକ ତାପରେ ସମଗ୍ର ୟୁଏଲବି ଗୁଡିକ ପାଇଁ ମୁଣ୍ଡପିଛା ଉତ୍ପାଦନର ନିର୍ଦ୍ଧାରଣ କରାଯାଇପାରେ । ପ୍ରକଳ୍ପ ଚିହ୍ନଟ ଉଦ୍ଦେଶ୍ୟ ପାଇଁ ଏସଡବ୍ଲୁଏମ ମାନୁଆଲ 2000 ର ଅନୁଭାଗ 3.3.6.2  ମ୍ୟୁନିସିପାଲିଟି ପ୍ରଭୃତିରେ ଆବର୍ଜନା ଉତ୍ପାଦନ ହାରକୁ[15] ଯେଉଁଥିରେ ସେବା ସ୍ତରର ଏକ ସୂଚକ ଆକଳନ କରାଯିବା ଆବଶ୍ୟକ ଏବଂ ପ୍ରକଳ୍ପ ପରାମର୍ଶ ପ୍ରସ୍ତୁତି ପର୍ଯ୍ୟାୟରୁ ତଥ୍ୟ ବିକାଶ କରିବାକୁ ପଡ଼ିବ ସେଥିପାଇଁ ପରାମର୍ଶ ଦେଇଛି ।

[15] ଆବାସିକ ବର୍ଜ୍ୟବସ୍ତୁ 0.3 ରୁ 0.6 କିଲୋଗ୍ରାମ୍/ କ୍ୟାପ୍/ ଦିନ, ବାଣିଜ୍ୟିକ ମନା 0.1 ରୁ 0.2 କିଲୋଗ୍ରାମ୍/ କ୍ୟାପ୍/ ଦିନ/, ଷ୍ଟ୍ରିଟ୍ ସୁଇପିଂ, 0.05 ରୁ 0.2 କିଲୋଗ୍ରାମ୍/ କ୍ୟାପ୍/ ଦିନ ଏବଂ ଆନୁଷ୍ଠାନିକ ମନା 0.05 ରୁ 0.2 କିଲୋଗ୍ରାମ୍/ କ୍ୟାପ୍/ ଦିନ

ଅଡିଟ୍ ନିରୀକ୍ଷଣ କଲା ଯେ ପରୀକ୍ଷିତ ସହର ସ୍ଥାନୀୟ ସଂସ୍ଥା ଗୁଡ଼ିକ ନିର୍ଦ୍ଦିଷ୍ଟ ପଦ୍ଧତିକୁ ପାଳନ କରୁଥିବା କୌଣସି ସର୍ଭେ କରିନାହାନ୍ତି କିନ୍ତୁ ଉତ୍ପାଦିତ ହାରାହାରି ବର୍ଜ୍ୟବସ୍ତୁ ପହଞ୍ଚିବା ପାଇଁ ଜନସଂଖ୍ୟା ଆକଳନ/ ମୁଣ୍ଡପିଛା ପଦ୍ଧତି ଗ୍ରହଣ କରିଛନ୍ତି । ଅଡିଟ୍ ସହରୀ ସ୍ଥାନୀୟ ସଂସ୍ଥା ଦ୍ୱାରା ରିପୋର୍ଟ କରାଯାଇଥିଲା ଏବଂ ଅଡ଼ିଟ୍ ଦ୍ୱାରା ହିସାବ ବର୍ଜ୍ୟବସ୍ତୁ ଉତ୍ପାଦନରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ପାଇଲା ଯାହା 0.74 ରୁ 227.07 ଟି.ପି.ଡ଼ି. ମଧ୍ୟରେ ରହିଥିଲା ତାହା ର ପରିମାଣ ଯାହା ***(ପରିଶିଷ୍ଟ-VI)*** ରେ ବିସ୍ତୃତ ଭାବେ ଦର୍ଶାଯାଇଛି । ସମାଜର ବିଭିନ୍ନ ବିଭାଗ ଦ୍ୱାରା ଉତ୍ପାଦିତ ବର୍ଜ୍ୟବସ୍ତୁ ଏବଂ ପ୍ରକାରର ବର୍ଜ୍ୟବସ୍ତୁରେ ପହଞ୍ଚିବା ପାଇଁ ସର୍ଭେ ନ କରିବା ସଠିକ୍ ଯୋଜନା ଏବଂ ରଣନୀତି ଚୟନ ଏବଂ ଏସ.ଡ଼ବଲ୍ୟୁ.ଏମ. ର ପ୍ରୟୋଗକୁ ଗମ୍ଭୀର ଭାବରେ ପ୍ରଭାବିତ କରିଛି ।

ସରକାର କହିଲେ(ମେଇ 2022) ଯେ, ଦଶଦିନ ପାଇଁ ପ୍ରତ୍ୟେକ ୱାର୍ଡର କିଛି ଘରରୁ ବର୍ଜ୍ୟକୁ ନେଇ ମୁଣ୍ଡପିଛା ବର୍ଜ୍ୟ ଉତ୍ପାଦନ ଜାଣିବା ଲାଗି ଏକ ସାମ୍ପୁଲ ସର୍ଭେ କରାଯାଇଥିଲା । ଏହି ଉତ୍ତରଟି ଗ୍ରହଣୀୟ ନଥିଲା, ଯେହେତୁ ପରିକ୍ଷା ଯାଞ୍ଚ ହୋଇଥିବା କୌଣସି ୟୁଏଲବି କିମ୍ବା ସରକାର ବର୍ଜ୍ୟ ଉତ୍ପାଦନ ଲାଗି ସାମ୍ପୁଲ ସର୍ଭେ କରିଥିବାର କୌଣସି ଦସ୍ତାବିଜ ସାକ୍ଷ୍ୟ ଅଡିଟ୍ କୁ ପ୍ରଦାନ କରିନଥିଲେ ।

## 3.9 ବର୍ଜ୍ୟବସ୍ତୁ ଉତ୍ପାଦନକାରୀ ଗୁଡ଼ିକର ଅସଂପୂର୍ଣ୍ଣ ନିରୀକ୍ଷା

ଏସ.ଡ଼ବଲ୍ୟୁ.ଏମ., 2016 ରେ ମାନୁଆଲର ଧାରା 1.4.3.3.2 ଧାର୍ଯ୍ୟ କରିଛି ଯେ ବର୍ଜ୍ୟବସ୍ତୁକୁ ଦୈନିକ, ଋତୁକାଳୀନ ଏବଂ ସାମୟିକ ପରିବର୍ତ୍ତନ ଯାହା ସାଧାରଣତଃ ୟୁଏଲବି ଗୁଡିକ ମଧ୍ୟରେ ଦେଖାଯାଏ ସେଗୁଡିକ ନିର୍ଣ୍ଣୟ କରିବା ପାଇଁ ଏକାଧିକ ସ୍ଥାନରେ ଏକାଧିକ ନମୁନା ନିଆଯିବା ଆବଶ୍ୟକ । ତେଣୁ, ବର୍ଜ୍ୟବସ୍ତୁ ଉତ୍ପାଦନ ସମ୍ବନ୍ଧୀୟ ତଥ୍ୟ ସମସ୍ତ ପ୍ରକାରର ବର୍ଜ୍ୟବସ୍ତୁ ଉତ୍ପାଦନ (ସାମୟିକ ଅସ୍ଥିରତାକୁ ଅନ୍ତର୍ଭୁକ୍ତ କରି) ଏବଂ ସହରର ତଥା ଏହାର ଆଖପାଖର ଲ୍ୟାଣ୍ଡଫିଲ୍ ସ୍ଥାନଗୁଡ଼ିକରେ ପକାଯାଇଥିବା ପ୍ରକ୍ରିୟାକରଣ ହୋଇନଥିବା କଠିନ ବର୍ଜ୍ୟବସ୍ତୁକୁ ହିସାବରେ ନେବା ଉଚିତ ।

ଅଡିଟ୍ ନିରୀକ୍ଷଣ କଲା ଯେ ସର୍ବସାଧାରଣ ପୂଜାପାଠ ସ୍ଥାନ, ଶିକ୍ଷାଞ୍ଚଳ ଭବନ, ସଂପ୍ରଦାୟ କେନ୍ଦ୍ର, କଲ୍ୟାଣ ମଣ୍ଡପ ଇତ୍ୟାଦି ରୁ କଠିନ ବର୍ଜ୍ୟବସ୍ତୁ ଉତ୍ପାଦନ ଏବଂ ସହରର ଏବଂ ଏହାର ଆଖପାଖରେ ଲ୍ୟାଣ୍ଡଫିଲ୍ ସ୍ଥାନରେ ପ୍ରକ୍ରିୟାକରଣ ନହୋଇ ଜମାହୋଇଥିବା କଠିନ ବର୍ଜ୍ୟବସ୍ତୁ ପାଇଁ କୌଣସି ୟୁଏଲବି ଡ଼ି.ପି.ଆର୍ ପ୍ରସ୍ତୁତ କରିନଥିଲେ, କିନ୍ତୁ ହାରାହାରି ଉତ୍ପାଦିତ ବର୍ଜ୍ୟବସ୍ତୁ ଜାଣିବା ପାଇଁ ଜନସଂଖ୍ୟା ଆକଳନ/ ମୁଣ୍ଡପିଛା ପଦ୍ଧତି ଗ୍ରହଣ କରିଥିଲେ । ତେଣୁ, ବର୍ଜ୍ୟ ନିର୍ଦ୍ଧାରଣ ରେ ଏବଂ ସହରାଞ୍ଚଳ ସୀମା ମଧ୍ୟରେ ବର୍ଜ୍ୟବସ୍ତୁ ସୃଷ୍ଟିରେ ସାମୟିକ ପରିବର୍ତ୍ତନଶୀଳତା (ପର୍ବ/ସମାରୋହ ତଥା, ସାମାଜିକ , ଅର୍ଥନୈତିକ, ଧାର୍ମିକ, ରାଜନୈତିକ ଇତ୍ୟାଦି) ଅନ୍ତର୍ଭୁକ୍ତ ହୋଇନଥିଲା । ବର୍ଜ୍ୟବସ୍ତୁ ନିର୍ଦ୍ଧାରଣ ପାଇଁ ଆବଶ୍ୟକ ଡାଟା ବେସରେ ସଂପୂର୍ଣ୍ଣ ଏବଂ ଗୁରୁତ୍ୱପୂର୍ଣ୍ଣ ତଥ୍ୟର ଅଭାବ ଥିଲା ।

ସରକାର କହିଲେ(ମେଇ 2022) ଯେ, ସାମ୍ପୁଲ ସର୍ଭେ ବେଳେ ବିଭିନ୍ନ ଅନୁଷ୍ଠାନ ଗୁଡିକୁ ନିଆଯାଇ ତଦନୁସାରେ ଆକଳନ କରାଯାଇଥିଲା । ଏହି ଉତ୍ତରଟି ଗ୍ରହଣୀୟ ନଥିଲା, ଯେହେତୁ ପରିକ୍ଷା ଯାଞ୍ଚ ହୋଇଥିବା କୌଣସି ୟୁଏଲବି ଗୁଡିକ ବର୍ଜ୍ୟ ଉତ୍ପାଦନ ଲାଗି ସାମ୍ପୁଲ ସର୍ଭେ କରିନଥିଲେ ଏବଂ ଅଡିଟ୍ କୁ କୌଣସି ଦସ୍ତାବିଜ ସାକ୍ଷ୍ୟ ପ୍ରଦାନ କରିନଥିଲେ ।

## 3.10 ଏମ.ସି.ସି. ଡ଼ିଜାଇନ୍ କ୍ଷମତାର ଭୁଲ ନିର୍ଦ୍ଧାରଣ


ଏସ.ଓ.ପି. (ଜୁଲାଇ 2019) ଧାର୍ଯ୍ୟ କରିଛି ଯେ ଏମ.ସି.ସି. ର ଡିଜାଇନ୍ କ୍ଷମତାର ନିଦ୍ଧାରଣ ପାଇଁ, ୟୁଏଲବି ଗୁଡ଼ିକ ପ୍ରତ୍ୟେକ ୱାର୍ଡ଼ରେ କିଛି ପରିବାର ଚୟନ କରି ଦଶ ଦିନ ପର୍ଯ୍ୟନ୍ତ ନମୁନା ସର୍ଭେ ମାଧମରେ ବର୍ଜ୍ୟବସ୍ତୁର ପରିମାଣ ଆକଳନ କରିବା ଆବଶ୍ୟକ । ବିଦ୍ୟମାନ ବ୍ୟବସ୍ଥାର ପର୍ଯ୍ୟାପ୍ତତା ପ୍ରତିଷ୍ଠା କରିବା ଏବଂ ଚିକିତ୍ସା ଏବଂ ନିଷ୍କାସନ ସୁବିଧା ବୃଦ୍ଧି ପାଇଁ ଯୋଜନା କରିବା ପାଇଁ ଏକ ସହରରେ ଉତ୍ପାଦିତ ବର୍ଜ୍ୟବସ୍ତୁର ପରିମାଣକୁ ମୂଲ୍ୟାଙ୍କନ କରାଯିବା ଆବଶ୍ୟକ । ଏସ.ଓ.ପି. ଅନୁଯାୟୀ, 10,000 ଜନସଂଖ୍ୟା ଯାହାକି ପ୍ରାୟ 2,220 ପରିବାର ରୁ ଉତ୍ପନ୍ନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ 1.5 ଟି.ପି.ଡ଼ି. ବର୍ଜ୍ୟବସ୍ତୁ କ୍ଷମତା ବିଶିଷ୍ଟ ଏକ ଏମ.ସି.ସି. ପ୍ରତିଷ୍ଠା ହେବା ଆବଶ୍ୟକ ।

ଅଡିଟ୍ ନିରୀକ୍ଷଣ କଲା ଯେ କୌଣସି ୟୁଏଲବି ଗୁଡ଼ିକ ଏମ.ସି.ସି. ର ଆବଶ୍ୟକ ଡିଜାଇନ୍ କ୍ଷମତାକୁ ଆକଳନ କରିବା ପାଇଁ ମନୋନୀତ ପରିବାରରୁ ବର୍ଜ୍ୟବସ୍ତୁ ଉତ୍ପାଦନକୁ ଆକଳନ କରିବାକୁ ଦଶ ଦିନ ପାଇଁ ବାଧ୍ୟତାମୂଳକ ସର୍ବେକ୍ଷଣ କରି ନାହାନ୍ତି କିନ୍ତୁ ହାରାହାରି ବର୍ଜ୍ୟବସ୍ତୁରେ ପହଞ୍ଚିବା ପାଇଁ ଜନସଂଖ୍ୟା ଆକଳନ/ ମୁଣ୍ଡପିଛା ପଦ୍ଧତି ଗ୍ରହଣ କରିଥିଲେ ଯାହାଫଳରେ ଏମସିସିର ପରିକଳ୍ପିତ କ୍ଷମତା ର ଅଧିକ/କମ ଆକଳନ ହେଉଥିଲା ଯାହା ***(ପରିଶିଷ୍ଟ- VII)*** ରେ ବିସ୍ତୃତ ଭାବରେ ବ୍ୟାଖ୍ୟା କରାଯାଇଛି ।

ସରକାର କହିଲେ(ମଇ 2022) ଯେ, ଦଶଦିନ ପ୍ରତ୍ୟେକ ଓ୍ୱାର୍ଡର ବର୍ଜ୍ୟକୁ ହିସାବକୁ ନେଇ ୟୁଏଲବି ଦ୍ୱାରା ଏକ ସାମ୍ପୁଲ ସର୍ଭେ କରାଯାଇଥିଲା । ଏମସିସି/ଏମଆରଏଫ୍ ସ୍ଥାପନ ପାଇଁ ବର୍ତ୍ତମାନର ଜନସଂଖ୍ୟା ଏବଂ ବର୍ଜ୍ୟ ଉତ୍ପାଦନ କୁ ହିସାବକୁ ନେଇ ରାଜ୍ୟ ସ୍ତରରେ ଏକ କାର୍ଯ୍ୟାନୁଷ୍ଠାନ ଯୋଜନା ପ୍ରସ୍ତୁତ ହୋଇଥିଲା । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ, ଏମସିସି ର କ୍ଷମତା ହାରାହାରି ବର୍ଜ୍ୟ ଉତ୍ପାଦନ ଜାଣିବା ଲାଗି କୌଣସି ସାମ୍ପୁଲ ସର୍ଭେ ବିନା ଜନସଂଖ୍ୟା ଆକଳନ ଆଧାରରେ କରାଯାଉଥିଲା ଯାହାଫଳରେ ଏମସିସିର ପରିକଳ୍ପିତ କ୍ଷମତା ର ଅଧିକ/କମ୍ ଆକଳନ ହେଉଥିଲା । ପୁଣି, ୟୁଏଲବି ଗୁଡିକ ଦ୍ୱାରା ସାମ୍ପୁଲ୍ ସର୍ଭେ ହୋଇଥିବାର କୌଣସି ଦସ୍ତାବିଜ ତଥ୍ୟ ଅଡିଟ୍ କୁ ପ୍ରଦାନ କରାଯାଇନଥିଲା ।

## 3.11 ବର୍ଜ୍ୟବସ୍ତୁ କମ୍ କରିବା ପାଇଁ ପ୍ରୟାସର ଅନୁପସ୍ଥିତି

ଏମ.ଏସ.ଡ଼ବଲ୍ୟୁ. ମାନୁଆଲ, 2000 (ବିଭାଗ 2.3) ଏବଂ 2016 (ବିଭାଗ 2.1) ବିଭିନ୍ନ ବର୍ଜ୍ୟବସ୍ତୁ ପରିଚାଳନାର ବିକଳ୍ପ ଗୁଡ଼ିକ ପାଇଁ ନିବାରଣ[16] ସବୁଠାରୁ ପସନ୍ଦିତ ବିକଳ୍ପ ଏବଂ ନିଷ୍କାସନ ସବୁଠାରୁ କମ୍ ପସନ୍ଦର ବିକଳ୍ପ ଭାବେ ଗ୍ରହଣ କରି ପରିବେଶ ପ୍ରାଥମିକତା ଅନୁଯାୟୀ ଏକ ପଦକ୍ଷେପ-ପର୍ଯ୍ୟାୟ ପଦ୍ଧତି ଦର୍ଶାଏ । ଏହା 3 ଆର୍ ଆଭିମୁଖ୍ୟ ସହିତ ଘନିଷ୍ଠ ଭାବରେ ଜଡ଼ିତ, ଯାହା ବର୍ଜ୍ୟବସ୍ତୁର ପରିମାଣ କମାଇବାରେ, ଏହାର ପରିଚାଳନା ସହିତ ଜଡ଼ିତ ମୂଲ୍ୟ ଏବଂ ଏହାର ପରିବେଶ ଉପରେ ପ୍ରଭାବ ପକାଇବାରେ ସାହାଯ୍ୟ କରେ । ମାନୁଆଲରେ ଏହା ମଧ କୁହାଯାଇଛି ଯେ ବର୍ଜ୍ୟବସ୍ତୁ ହ୍ରାସ ରଣନୀତି ଜାତୀୟ, ରାଜ୍ୟ ତଥା ସ୍ଥାନୀୟ ସ୍ତରରେ ନୀତିଗତ ହସ୍ତକ୍ଷେପ ଆବଶ୍ୟକ କରେ । ନିୟନ୍ତ୍ରଣ ହେବାକୁ ଥିବା ବର୍ଜ୍ୟବସ୍ତୁକୁ ହ୍ରାସ କରି ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିବେ ।




ଅଡିଟ୍ ନିରୀକ୍ଷଣ କରିଛି ଯେ ମାର୍ଚ୍ଚ 2021 ସୁଦ୍ଧା ବର୍ଜ୍ୟବସ୍ତୁକୁ ରୋକିବା, କମ୍ କରିବା, ପୁନଃ ବ୍ୟବହାର ଏବଂ ପୁନରାବର୍ତ୍ତନ ପାଇଁ ଜି.ଓ.ଓ. କୌଣସି ରଣନୀତି/ ନୀତି ଆରମ୍ଭ କରି ନାହିଁ ଯାହା ଦ୍ୱାରା 2015-20 ମଧରେ 90 ପ୍ରତିଶତ ବର୍ଜ୍ୟବସ୍ତୁ ଲ୍ୟାଣ୍ଡଫିଲ୍/ ଡମ୍ପିଂ ୟାର୍ଡରେ ବିନା ପ୍ରକ୍ରିୟାକରଣ ରେ ଜମା ହୋଇଛି ।

ସରକାର କହିଲେ(ମଇ 2022) ଯେ, ରାଜ୍ୟର ସମସ୍ତ ୟୁଏଲବି ଗୁଡିକରେ ଅତି ସାବଧାନତାର ସହ ପର୍ଯ୍ୟାପ୍ତ ପ୍ରକ୍ରିୟାକରଣ ସୁବିଧା ସ୍ଥାପନ କରାଯାଇଛି । ପରନ୍ତୁ, ତଥ୍ୟ ଏହା ଯେ, ଓଡିଶା ସରକାର 2015-20 ମଧରେ ବର୍ଜ୍ୟର ହ୍ରାସ, ନିବାରଣ, ପୁନଃ ବ୍ୟବହାର, ପୁନରାବର୍ତ୍ତନ ନିମନ୍ତେ କୌଣସି କୌଶଳ/ନୀତି ଆପଣେଇ ନଥିଲେ ଫଳରେ 90 ପ୍ରତିଶତ ବର୍ଜ୍ୟ ପ୍ରକ୍ରିୟାକରଣ ବିନା ଲ୍ୟାଣ୍ଡଫିଲ୍ /ଡମ୍ପିଂୟାର୍ଡରେ ଜମା କରାଯାଇଥିଲା ।

16. ଆବର୍ଜନା ରୋକିବା ଉତ୍ସ ହ୍ରାସ ଭାବରେ ଜଣାଶୁଣା ଯାହାର ଅର୍ଥ ହେଉଛି ଏକ କାର୍ଯ୍ୟ କରିବା ପାଇଁ କମ୍ ପଦାର୍ଥ ବ୍ୟବହାର କରିବା । ବର୍ଜ୍ୟବସ୍ତୁ ରୋକିବା ପଦ୍ଧତିଗୁଡ଼ିକ ପୁନଃ ବ୍ୟବହାର ପୂର୍ବରୁ କମ୍ ବର୍ଜ୍ୟବସ୍ତୁ ସୃଷ୍ଟି କରିବାରେ ସାହଯ୍ୟ କରେ ।